
# ପିଲାଙ୍କ ଧରିତ୍ରୀ

ଶନିବାର, ୦୧ ଜୁନ୍, ୨୦୧୯




ସ୍କୁଲ୍-ସ୍କୁଲ୍ ୩
ଜଣା -ଅଜଣା ୭
ଆଇନା ୮
କବିତା ୬
ଗପ ୨

## ବିନ୍ଦୁ ଯୋଡ଼



ସୋନୁ ଫଳ ଦୋକାନକୁ ଯାଇ କହିଲା:ଭାଇ ମୋର ସବୁ ପଚା ଆମ୍ବ ଦରକାର।
ଦୋକାନୀ: କ'ଣ ଶଢ଼ା ଆମ୍ବ ?
ସୋନୁ: ହଁ ପଚା, ଶଢ଼ା ମୋର ଦରକାର ।
ଦୋକାନୀ: ଠିକ୍ ଅଛି ଏ ନିଅନ୍ତୁ ।
ସୋନୁ: ହଁ ଭାଇନା ୟାକୁ ଅଲଗା ସାଇଡ୍ କରି ରଖ,ମୋତେ ବାକି ଭଲ ଆମ୍ବରୁ ୧କିଲୋ ଦିଅ।

## (ଦୁଇସାଙ୍ଗ ମଧ୍ୟରେ କଥାବାର୍ତ୍ତା)

ପ୍ରଥମ: ସାଙ୍ଗ,ମୋ ଜନ୍ମଦିନରେ ତୁ କ'ଣ ଦେବୁ ?
ଦ୍ୱିତୀୟସାଙ୍ଗ: କହ କ'ଣ ଦରକାର ?
ପ୍ରଥମସାଙ୍ଗ: ମୋର ଏମିତି ଜିନିଷ ଦରକାର ଯେଉଁଥିରେ ମୁଁ ପାଦ ରଖୁ ରଖୁ ୦-୮୦ରେ ପହଞ୍ଚି ଯିବି।
ଦ୍ୱିତୀୟସାଙ୍ଗ ସନ୍ଧ୍ୟାବେଳେ ବଜାରରୁ ଯାଇ ୱେଟ ମେଶିନ୍‌ଟିଏ ନେଇଆସିଲା।

ପୁଅ: ମା' ମୋ ହାତ କଟିଗଲା।
ମା: ତୁ ବସିଥା, ମୁଁ ଔଷଧ ଆଣୁଛି
ପୁଅ-ଛାଡ୍ ଔଷଧ , ପ୍ରଥମେ ଫଟୋ ଉଠାଇ ଷ୍ଟାଟସ୍‌ରେ ପକା।

## ଖିଲି ଖିଲି ହସ



## ମତାମତ



➢ଗପ ସ୍ତମ୍ଭରେ ପ୍ରକାଶିତ 'ବୋଝ ଦେଲା ଉପାୟ' ବେଶ୍ ଶିକ୍ଷଣୀୟ ଥିଲା। ସଫଳତାର ରାସ୍ତା ସମ୍ପର୍କରେ ଗଳ୍ପରେ ଅତି ସୁନ୍ଦର ଭାବରେ ପରିପ୍ରକାଶ ହୋଇଛି।

**- ରିଷିତା, ଅଭୀପ୍ସା,**
ଖଲିକୋଟ, ଗଞ୍ଜାମ

➢ହସକଥାରେ ପ୍ରକାଶ ପାଇଥିବା ଶାନ୍ତା ଓ ଡାକ୍ତରଙ୍କ କଥା ପଢି ଖୁବ୍ ହସିଲି। ଆଇନା ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତିଟି ଶିଶୁଙ୍କ ଫଟୋ ଖୁବ୍ ସୁନ୍ଦର ଲାଗୁଛି।

**- ମୋନାଲିସା ସାହୁ,**
କୋଲାବିରା, ଝାରସୁଗୁଡା

➢ଆସ ଜାଣିବା ସ୍ତମ୍ଭରେ ସ୍ଥାନ ପାଇଥିବା ମ୍ୟୁଜିୟମ୍ ଅଫ୍ ମାଇକ୍ରୋ ମିନିଏଚର ବିଷୟରେ ପଢି ଆଶ୍ଚର୍ଯ୍ୟ ଲାଗିଲା।


**- ମାନସ, ରୋହିତ,** ବ୍ରହ୍ମଗିରି

➢ଶିଶୁ ପ୍ରତିଭାରେ ପ୍ରକାଶିତ ତିଥିରୂପାଙ୍କ ବହୁମୁଖୀ ପ୍ରତିଭା ଅନ୍ୟମାନଙ୍କ ପାଇଁ ନିଶ୍ଚୟ ପ୍ରେରଣା ସାଜିବ। ପାର୍ଥକ୍ୟ ଦର୍ଶାଅ କରିବାକୁ ମଜା ଲାଗୁଛି।

**- ଯୋଗେଶ ରାଉତ,**
ଆଳି, କେନ୍ଦ୍ରାପଡା

# ଧଇଲା ମାଛ ଖାଇଲା ନାହିଁ

## ଗପ



ଖରାଦିନ ଛୁଟି ବେଳରେ ଗାଁ ବରଗଛ ମୂଳେ ଜମିଯାଇଥାଏ ପିଲାଙ୍କ ଖେଳ। ଏତିକି ବେଳେ କେହି ଜଣେ ପ୍ରସ୍ତାବ ଦେଲା ଚାଲ୍ ମାଛ ଧରିବା। କଥାଟି ସଭିଙ୍କ ମନକୁ ପାଇଲା। ସମସ୍ତେ ଏକାଠି ହୋଇ ଚାଲିଲେ ଗାଁ ପୋଖରୀ ଆଡକୁ।

ଖରାଦିନ ହୋଇଥିବାରୁ ପୋଖରୀରେ ବେଶି ପାଣି ନ ଥାଏ। ଅଳ୍ପ ପାଣିରେ ମାଛ ଧରିବା ବହୁତ ସହଜ। ଏଣୁ ପିଲାଏ କାଦୁଅ ପଙ୍କ ଘାଣ୍ଟି ଚାଲିଲେ। ଏଥିରେ ଭଲା ମାଛର ଖସିବାକୁ ବାଟ କାହିଁ ଯେ ? ଗୋଟିଏ ପରେ ଗୋଟିଏ ମାଛ ଧରାପଡୁଥାନ୍ତି ପିଲାଙ୍କ ହାତରେ।

ସେମାନଙ୍କ ଭିତରେ ଥାଏ ରାମୁ। ମନ ଖୁସିରେ ପାଣି ଭିତରେ ମାଛ ଅଣ୍ଡାଳୁଥାଏ, ହେଲେ ମିଳିଲେ ତ ! ଏଣେ ଦେହସାରା କାଦୁଅ ଲଟପଟ। ସଭିଏଁ ଦି -ଚାରିଟା ମାଛ ଧରି ସାରିଲେଣି, ଅଥଚ ତା ଭାଗ୍ୟରେ ଗୋଟିଏ ବି ମାଛ ନାହିଁ। ତଥାପି ସେ ମନ ଲଗାଇ ଖୋଜି ଚାଲିଥାଏ।

ହଠାତ୍ ତା ହାତରେ କଅଁଳିଆ ଜିନିଷଟେ ବାଜିବାରୁ ଚଟ୍‌କିନା ଧରି ପକାଇଲା ତାକୁ। ଏଁ...... ମାଛ ଟାଏ ତ ! ବାଃରେ ବାଃ ...ଏକାବେଳକେ ଦୁଇଟି ମାଛ ଏଥର ତା ଖୁସି ଦେଖେ କିଏ ? ଗୋଟିଏ ମାଛକୁ କୋଉଠି ଥୋଇବ ଭାବୁ ଭାବୁ ପାଟିରେ କାମୁଡି ଧରିଲା। ମାଛଟି ଏଣେ ପାଟି ଭିତରେ ଛଟପଟ ହେଉଥାଏ। ହେଲେ ରାମୁ କି ତାକୁ ଛାଡେ ? ଜିଅନ୍ତା ମାଛଟିକୁ ପାଟିରେ କାମୁଡି ଧରି ଆଉ ମାଛଟିକୁ ଧରିବା ପାଇଁ କାଦୁଅକୁ ହାତ ବଢ଼ାଇଲା। ଅତି ସହଜରେ ମାଛଟିକୁ ଧରିଦେଲା ମଧ୍ୟ।

ରାମୁ ପାଟି ଭିତରେ ପଶିଥାଏ ମାଛର ମୁଣ୍ଡଟା, ଲାଞ୍ଜଟା ବାହାରି ଥାଏ ପାଟି ବାହାରକୁ ଆଉ ମାଛଟିକୁ ଧରିବା ଭିତରେ ସେ ଅନ୍ୟମନସ୍କ ହୋଇଗଲା। ଢିଲା ହୋଇଗଲା ପାଟି। ଏହି ସୁଯୋଗରେ ଲାଳୁଆ ମାଛଟା ପାଟି ଭିତରୁ ସଟ୍‌କିନା ଖସିଗଲା ଆଉ ତଣ୍ଟିରେ ଲାଖିଗଲା।

ଏଥର ରାମୁର ଦେଖ୍ ମଜା। ଆହାଃ ବିଚାରା ଅଣନିଃଶ୍ୱାସୀ ହୋଇପଡିଲା। ବିକଳରେ ଛାଟିପିଟି ହେଲା, ମାଛଟା ନା ଭିତରକୁ ଯାଇପାରୁଥାଏ ନା ବାହାରକୁ ଆସିପାରୁଥାଏ। ସେ କି ଆଉ ମାଛ ଧରନ୍ତା। ଧରିଥିବା ମାଛଟିକୁ ଫୋପାଡି ଦେଇ ଗାଁ ଗାଁ ହୋଇ କୂଳକୁ ଧାଇଁଲା। ତା ନିଃଶ୍ୱାସ ବନ୍ଦ ହୋଇଗଲା ପରି ଲାଗିଲା। ବୁଦ୍ଧି ହଜିଗଲା ତା'ର। ରାମୁର ଅବସ୍ଥା ଦେଖି ସାଥୀମାନେ ବି ଡରିଗଲେ ରଡି ଛାଡିଲେ।

ପାଖରେ କିଛି ବଡ ଲୋକ ଥିଲେ, ପିଲାଙ୍କ ପାଟି ଶୁଣି ସେଠାକୁ ଆସି ଦେଖିଲେ ଏମିତି ଘଟଣା। ସେମାନେ ତୁରନ୍ତ ରାମୁକୁ ଡାକ୍ତରଖାନା ନେଇଗଲେ। ତା ଅବସ୍ଥା ଦେଖି ଡାକ୍ତରମାନେ ବି ଚିନ୍ତାରେ ପଡିଲେ। କାରଣ ତଣ୍ଟି ଭିତରୁ ମାଛଟିକୁ କାଢ଼ିବା ଏତେ ସହଜ ନ ଥିଲା। ଅସ୍ତ୍ରୋପଚାର କରିବା ତା'ଠୁ ଆହୁରି ଜଟିଳ କାମ ଥିଲା। ତଥାପି ସେମାନେ ପିଲାଟିର ଜୀବନ ବଞ୍ଚାଇବାକୁ ଲାଗିପଡିଲେ। ଚିକିତ୍ସା ଆରମ୍ଭ ହେଲା। ଅପରେଶନ୍ ମାଧ୍ୟମରେ ଶେଷରେ ତଣ୍ଟିରୁ ମାଛଟିକୁ ବାହାର କରାଗଲା। ଓଃ ହୋ ଜୀବନ ରହିଗଲା। ରାମୁ ଏଥର ନିଃଶ୍ୱାସ ପ୍ରଶ୍ୱାସ ନେବାକୁ ଲାଗିଲା। ତଣ୍ଟି ଦରଜ ହୋଇଥିବା ଯୋଗୁ ସେ କଥା କହିପାରୁ ନ ଥାଏ।

ଏମିତିଆ ଘଟଣା ସମସ୍ତେ ପ୍ରଥମ ଥର ପାଇଁ ଦେଖୁଥିଲେ,ସମସ୍ତେ ରାମୁର ବୋକା ପଣିଆକୁ ନିନ୍ଦା କଲେ। ଡାକ୍ତରବାବୁ କହିଲେ -ଆରେ ବାବୁ ମାଛ ଧରିବାକୁ ହେଲେ ଯେତିକି କୌଶଳ ଦରକାର ତାଠୁ ଅଧିକ ସାବଧାନ ବି ଦରକାର । ତା' ନ ହେଲେ ଜୀବନ ଯିବା ହିଁ ସାର। ରାମୁ ସବୁକିଛି ବୁଝିପାରୁଥିଲା। ଅସାବଧାନତାରୁ ତା'ର ଆଜି ଏ ଅବସ୍ଥା। ମାଛ ଧଇଲା ଅଥଚ ଖାଇପାରିଲା ନାହିଁ। ଯାହାବି ହେଉ ଜୀବନଟା ତ ବଞ୍ଚିଗଲା !

**-ସଂଗ୍ରାମ କେଶରୀ ପୃଷ୍ଟି**
ଶିକ୍ଷକ, କିଶୋର ନଗର ହାଇସ୍କୁଲ, ଅନୁଗୋଳ

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf
of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795




ସ୍ୱାଧୀନତା ଦିବସରେ ଛାତ୍ରୀଛାତ୍ର ଏକତ୍ରିତ ହୋଇଛନ୍ତି।


# ରଘୁନାଥ ଉଚ୍ଚ ବିଦ୍ୟାଳୟ

## ରାଇକମା, ମୟୂରଭଞ୍ଜ

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଁଳା ପଞ୍ଚାୟତ ରାଇକମାଠାରେ ସମ୍ପୂର୍ଣ୍ଣ ଗ୍ରାମୀଣ ପରିବେଶରେ ଗଢିଉଠିଛି ଏହି ବିଦ୍ୟାଳୟ। ଜଙ୍ଗଲ ଘେରା ପ୍ରାକୃତିକ ପରିବେଶରେ ଗୁରୁକୁଳ ଢାଞ୍ଚାରେ ଏଠାରେ ଚାଲିଛି ଶିକ୍ଷାଦାନ। ମୟୂରଭଞ୍ଜ ସମେତ ପଡ଼ୋଶୀ ବାଲେଶ୍ୱର, କେନ୍ଦୁଝର, ଭଦ୍ରକ ଜିଲାର ପିଲାମାନେ ଏଠାରେ ପାଠ ପଢନ୍ତି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପାଠ୍ୟକ୍ରମ ଏଠାରେ ପ୍ରଚଳିତ। ଉତ୍ତମ ଶିକ୍ଷାଦାନ ଯୋଗୁ ବାର୍ଷିକ ପରୀକ୍ଷାଫଳ ଖୁବ୍ ସନ୍ତୋଷଜନକ ହୋଇଥାଏ। ବିଗତ ବହୁବର୍ଷ ଧରି ଏଠାରେ ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ପାଇଆସୁଛନ୍ତି। ଏହି ବିଦ୍ୟାଳୟ ସୁନାମ ଅର୍ଜନ କରିଥିବାରୁ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀମାନେ ବହୁବାର ଏଠାକୁ ପରିଦର୍ଶନରେ ଆସି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଖେଳ, ବିଜ୍ଞାନ, ପରିବେଶ ଭିତ୍ତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର ରାଜ୍ୟ ତଥା ଜାତୀୟ ସ୍ତରରେ ଉଲ୍ଲେଖନୀୟ ସଫଳତା ପାଇ ବିଦ୍ୟାଳୟ ଓ ଜିଲାର ସମ୍ମାନ ବଢାଇଛନ୍ତି।

ଜିଲା ପ୍ରଶାସନ ପକ୍ଷରୁ ଏହି ଅନୁଷ୍ଠାନକୁ ଶ୍ରେଷ୍ଠ ବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଛି। ପରିବେଶ ସୁରକ୍ଷାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକୃତିମିତ୍ର ପୁରସ୍କାର ମିଳିଛି। ଜାତୀୟ ଆୟ ଭିତ୍ତିକ ମେଧାବୃତ୍ତି, ପଠାଣି ସାମନ୍ତ ଛାତ୍ରବୃତ୍ତି ତଥା ଗଣିତ ବିଜ୍ଞାନ ଅଲିମ୍ପିଆଡ଼ ପରୀକ୍ଷାରେ ଏହି ବିଦ୍ୟାଳୟର ସର୍ବାଧିକ ଛାତ୍ରୀଛାତ୍ର ସଫଳତା ପାଇ ଆସୁଛନ୍ତି, ଯାହାକି ବିଦ୍ୟାଳୟ ପାଇଁ ଗୌରବ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଏଠାରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଏ। ପାଠପଢା ସହ ଖେଳକୁ ମଧ୍ୟ ଗୁରୁତ୍ୱ ଦିଆଯାଏ। ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ସହ ବିଭିନ୍ନ ଜାତୀୟ ଦିବସ ଏଠାରେ ପାଳନ କରାଯାଏ। ଏହି ବିଦ୍ୟାଳୟର ଗୁରୁଶିଷ୍ୟ ପରମ୍ପରା ସ୍ୱତନ୍ତ୍ର। ଏହି ବିଦ୍ୟାଳୟରେ ଅଧ୍ୟୟନ କରିଥିବା ଅନେକ ଛାତ୍ରୀଛାତ୍ର ବର୍ତ୍ତମାନ ଦେଶବିଦେଶର ବିଭିନ୍ନ ଅନୁଷ୍ଠାନରେ ଉଚ୍ଚ ପଦବୀରେ ଅଧିଷ୍ଠିତ। ଗ୍ରାମବାସୀ, ପରିଚାଳନା କମିଟିର ସହଯୋଗ ଓ ପ୍ରେରଣା ବିଦ୍ୟାଳୟକୁ ସଫଳତା ବାଟରେ ଆଗେଇ ନେବାକୁ ସହାୟକ ହୋଇଛି। ମନୋରମ ବଗିଚା ସାଙ୍ଗକୁ ବିଦ୍ୟାଳୟର ଶୈକ୍ଷିକ ପରିବେଶ ଅତି ନିଆରା।

ସ୍ଥାପିତ-୧୯୮୮
ଛାତ୍ରୀଛାତ୍ର ସଂଖ୍ୟା-୩୬୪
ଶ୍ରେଣୀ-୮ମ ରୁ ୧୦ମ
ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ-୧୨




ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ସଫଳତା ପାଇଁ ବିଦ୍ୟାଳୟର ଛାତ୍ରମାନେ ସାଧାରଣତନ୍ତ୍ର ଦିବସରେ ଜିଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ଅବସରରେ।



ଜୋନାଲସ୍ତରୀୟ କଳା ଉତ୍ସବରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।



ବିଶ୍ୱ ପରିବେଶ ଦିବସରେ ଛାତ୍ରୀମାନଙ୍କ ସଚେତନତା ।


ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ସଫଳତା ଲାଗି ଛାତ୍ର ସମ୍ବେଦନ ସେଠୀ ଓ ଦୀପଙ୍କର ପାଣି ମନ୍ତ୍ରୀ ଓ ଜିଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଉଛନ୍ତି।

✔ ମେଧାବୀ ଛାତ୍ର ଭାବେ କ୍ଲାସ ପରୀକ୍ଷାରେ ଭଲ ନମ୍ବର ରଖି କୃତକାର୍ଯ୍ୟ ହେବା ସହ ଜିଲାସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତାରେ ସଫଳତା ଲାଭ କରିଛନ୍ତି।

**– ସତ୍ୟବ୍ରତ ପାତ୍ର,** କ୍ଲାସ-୯



✔ ଗତବର୍ଷ ୨୬ତମ ପିଲାଙ୍କ ଜାତୀୟ କଂଗ୍ରେସରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ।

**– ସମ୍ବେଦନ ସେଠୀ,** କ୍ଲାସ-୧୦



✔ ଜିଲାସ୍ତରୀୟ, ରାଜ୍ୟସ୍ତରୀୟ ଏବଂ ପୂର୍ବ ଭାରତୀୟ ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ଲାଭ କରିଛନ୍ତି।

**–ବିଦ୍ୟୁସ୍ମିତା ରାଉତ,** କ୍ଲାସ-୮



✔ ଭୁବନେଶ୍ୱରର ବିଜ୍ଞାନ ଏକାଡେମୀରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ଲାଭ କରିଛନ୍ତି।

**– ହୃଷୀକେଶ ବେହେରା,** କ୍ଲାସ-୯




ପରିବେଶ ସୁରକ୍ଷାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଛାତ୍ରମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱପରିବେଶ ଦିବସରେ ପୁରସ୍କୃତ କରୁଛନ୍ତି।


ଜାତୀୟସ୍ତରୀୟ ଶିଶୁ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରି ମାନପତ୍ର ପାଇଥିବା ଶିଶୁ ବୈଜ୍ଞାନିକମାନଙ୍କୁ ବିଦ୍ୟାଳୟର ଶିକ୍ଷକମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ତୁମ ତୂଳୀରୁ



୧



୨



୩




୪



୫



୬



୭

**ଅନୁରାଗ ମିଶ୍ର**
କ୍ଲାସ-୫,ତଳକାହାଲିଆ ପ୍ରାଥମିକ ବିଦ୍ୟାଳୟ, କାହାଲିଆ, ବାଲେଶ୍ୱର



୧

**ଶ୍ରେୟାଶ୍ରୀ ପଣ୍ଡା**
କ୍ଲାସ-୫,ସେଣ୍ଟ ଜୋସେଫ୍ ହାୟର ସେକେଣ୍ଡାରୀ ସ୍କୁଲ,ଭୁବନେଶ୍ୱର



୨

**ମନସ୍ୱିନୀ ସାହୁ**
କ୍ଲାସ-୯,କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ



୩

**ଅର୍ପିତା ସାହୁ**
କ୍ଲାସ-୫,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଉରାଳି,କଟକ



୪

**ବୈଭବୀ ଭଞ୍ଜ ମିଶ୍ର**
କ୍ଲାସ-୬,ସେଣ୍ଟ ଜାଭିୟର୍ସ ହାଇସ୍କୁଲ,ଆମ୍ବପୁଆ,ବ୍ରହ୍ମପୁର



୫

**ଆଶୁତୋଷ ବେହେରା**
କ୍ଲାସ-୧୦,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ଜଟଣୀ,ଖୋର୍ଦ୍ଧା



୬

**ଶ୍ରେୟାଲ ପଣ୍ଡା**
କ୍ଲାସ-୫,ସେଣ୍ଟ ଜୋସେଫ୍ ହାଇସ୍କୁଲ୍,ଭୁବନେଶ୍ୱର



୭

# କ ବି ତା

## ମନେରଖିବା




**ଗ୍ରୀ**ଷ୍ମ ଋତୁ ଚାଲିଅଛି
ବୁଲିବାନି ବାହାରେ,
ବେଶି ଶ୍ରମ କରିବେନି
ଶ୍ରମିକ ବି ଦିନରେ ॥

ଦେହରୁ ଜଳୀୟ ଅଂଶ
ଶୁଖିଯାଏ ଖରାରେ,
ସତର୍କ ନ ରହିଲେ
ଅଂଶୁଘାତ ହେବରେ ॥

ଚପଲ ପିନ୍ଧିବା ଛତା,
ପାଣି ଆଦି ସାଥିରେ,
ନେବାକୁ ଭୁଲିବାନି
ଯିବା ଯେବେ କାମରେ ॥

ସର୍ବତ, ପାଣି, ତୋରାଣିରେ
ପେଟ ଭରି ରଖିବା,
ଫଳରସ, ଗ୍ଲୁକୋଜ, ଲସି
ଚହ୍ଲା ଜଳ ପିଇବା ॥

ଆମେ ଯେତେ ପୁଅଝିଅ
ଏ ସବୁକୁ ସଜେଇ
ଯୋଗାଇବା ମା'ବାପାଙ୍କୁ
ନିତି ମନେ ପକେଇ ॥



ବାପା, ମା' ସୁସ୍ଥ ଥିଲେ,
ଆମେ ସୁଖେ ରହିବା,
ତାଙ୍କରି ଆଶିଷ ନେଇ
ଏ ଜୀବନ ଗଢ଼ିବା ॥

ଗୃହପାଳିତ ପ୍ରାଣୀଙ୍କୁ
ଦେବା ପାଣି ତୋରାଣି,
ପଶୁପକ୍ଷୀଙ୍କୁ ବି ଖରା ବାଧେ
ଏହା ଥିବ ଜାଣି ॥

**– ସବିତା ମଞ୍ଜରୀ ଦାଶ**
ପ୍ଲଟ୍ ନଂ– ୧୩୧୦, ୭/ଡି, ସେକ୍ଟର–୯,
ସିଡିଏ, କଟକ

## ଦୀପଟିଏ ମତେ କରିଦିଅ ପ୍ରଭୁ



**ଦୀ**ପଟିଏ ମତେ କରିଦିଅ ପ୍ରଭୁ
ଆଲୋକ ପଥ ଦେଖାଇ,
ଅନ୍ଧାର ତମସା ଦୂର କରିଦେବି
ନିଜେ ସଦା ଦୁଃଖ ପାଇ ।
କାହା ମୁଖ ଯଦି ଶୁଖି ଅଛି ବୋଲି
ଜାଣିଲି ମୁଁ ଦୁଃଖ ବୁଝି,
ସଦା ସରବଦା ଉଦ୍ୟମ କରିବି
ସୁଖରେ ସେ ଯିବ ଭିଜି ।
ଫୁଲଟିଏ ମତେ କରିଦିଅ ପ୍ରଭୁ
କୋମଳତା ଯାଉ ଭରି,
ମଧୁର ବଚନେ ଭାଷୁଥିବି ନିତି
ବାସ ବିତରେ ଯେପରି ।
ସଦା ସରବଦା ତୁମ ସେବାରେ ମୁଁ
ହେଉଥିବି ନିତି ଘାରି,
ସେ ସେବା ପାଇଁ ଫଳ ନ ମାଗିବି
ଯିବ ପଛେ ଜୀବ ସରି ।
କାମନା ବାସନା ଦୂରେ ଫିଙ୍ଗି ଦେଇ
ନ କରିବି ଆଶା ଫଳ,
ସେ ସେବାରେ ଯାହା ଆନନ୍ଦ ମିଳିବ
ଜଗତ ହେବ ମଙ୍ଗଳ ।

**– ବୃନ୍ଦାବନ କୁମ୍ଭାର**
ଚାଣ୍ଡିପଲା, ଟିଟିଲାଗଡ଼, ବଲାଙ୍ଗୀର

## ଏଥରର ପ୍ରଶ୍ନ



- ବିରାଟ କୋହଲି କେଉଁ ଖେଳ ସହ ସମ୍ପୃକ୍ତ ?
- ସାଇନା ନେହ୍ୱାଲ କେଉଁ ଖେଳ ପାଇଁ ପ୍ରସିଦ୍ଧି ଲାଭ କରିଛନ୍ତି ?
- କେଉଁ ଖେଳ ପାଇଁ ଅନୁରାଧା ବିଶ୍ୱାଳ ସଫଳତା ଲାଭ କରିଛନ୍ତି ?
- ମେରୀ କମ୍ କେଉଁ ଖେଳ ପାଇଁ ପ୍ରସିଦ୍ଧି ଲାଭ କରିଛନ୍ତି ?
- ଲିଆଣ୍ଡର ପେସ୍ କେଉଁ ଖେଳ ସହ ସମ୍ପୃକ୍ତ ?

## ଆରଥରର ଉତ୍ତର

- ଉତ୍ତରପ୍ରଦେଶ
- ବିହାର
- କେରଳ
- ରାଜସ୍ଥାନ
- ଗୋଆ


## କହିଲ ଦେଖି

ମାଟି କାଦୁଅ ତା ଚନ୍ଦନ ପରି
ମୁଣ୍ଡଝାଳ ସବୁ ତୁଣ୍ଡରେ ମାରି
ବିଲରେ ଖଟେ
ଶାଗ ପଖାଳରେ ଜୀବନ କାଟେ
ସେ ଲକ୍ଷେ ପୋଷା
କହିଦିଅ ନାଁ ଖାଇବ ଦୋଷା ।




**କୃଷକ**

ଅନ୍ତରଙ୍ଗ ବନ୍ଧୁ ଜ୍ଞାନର ଖଣି
ବୁଦ୍ଧି ସେ ବଢ଼ାଏ ଯୋଗ୍ୟତା ଜାଣି
ସବୁ ଭାଷାରେ ସେ ପୋଖତ
ବିଜ୍ଞାନ ଯୁଗେ ବି ବହୁତ ଆଦର
ତାକୁ ଆଣି ଘରେ ରଖ ତ ।




**ବହି**

ତା'ର ଦାନ ଭୁଲି ହେବାର ନୁହେଁ
ମାଆ ପରି ଖାଦ୍ୟ ଯାଚି ସେ ଦିଏ
ପରିବେଶ ସ୍ୱଚ୍ଛ ରଖିବା ପାଇଁ
ତା'ର ଯତ୍ନ ପାଇଁ ଯିବା ଆଗେଇ
କିଏ ଏ ଦାନୀ
କହିଦେଲେ ତୁମେ ହୋଇବ ଜ୍ଞାନୀ ।



**ଗଛ**

ମାଗିବା ଆଗରୁ ଆଶିଷ ଦିଏ
ଭଲମନ୍ଦ ଭାର ଆଗୁଆ ନିଏ
ତା' ପଣତ ଦୁଃଖ ବାରିଣୀ
ତାହାରି ରକତ ଏ ଦେହେ ବୋହୁଛି
ସିଏ ତ ମଙ୍ଗଳକାରିଣୀ ।



**ବୋଉ**


ତା'ର ଧୂଳି ମାଟି ସରଗ ସମ
ଭୁଲି ହେବ ନାହିଁ ଏଇ ମା' ନାମ
ଏଠି ଖେଳି, ବୁଲି ପଢ଼ି ଓ ବଢ଼ି
ଜୀବନକୁ ମୋର ଆସିଛି ଗଢ଼ି
ଉତ୍ତର ଦିଅ– ଏ କିଏ କୁହ ।



**ମାତୃଭୂମି**

**–କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧିମାର୍ଗ, ଅନୁଗୋଳ,
ମୋ: ୯୯୩୮୧୩୩୫୫୯

## ଆସ ଖୋଜିବା



# ଜଣା ଅଜଣା

✲ ଭାରତୀୟ ନୋଟ କାଗଜରେ ନୁହେଁ ବରଂ ୭୫ ପ୍ରତିଶତ କପା ଏବଂ ୨୫ ପ୍ରତିଶତ ଲେନିନ୍‌ରେ ପ୍ରସ୍ତୁତ ହୋଇଥାଏ।




✲ ପୃଥିବୀରେ ପ୍ରାୟ ୬୫୦୦ଟି କଥିତ ଭାଷା ରହିଛି। ଏଥିମଧ୍ୟରୁ 'ମାଣ୍ଡାରିନ୍ ଚାଇନିଜ୍' ହେଉଛି ସବୁଠାରୁ ଅଧିକ କଥିତ ଭାଷା।





✲ ରାଜା ହେରାଲ୍ଡ ବ୍ଲୁଟୁଥ୍‌ଙ୍କ ନାମାନୁଯାୟୀ ଆଧୁନିକ ଯୁଗର ବ୍ଲୁଟୁଥ୍ ଟେକ୍ନୋଲୋଜିକୁ ନାମକରଣ କରାଯାଇଛି। ରାଜା ହେରାଲ୍ଡ ଯେପରି ଡେନମାର୍କ ଏବଂ ନରୱେକୁ ଏକାଠି କରିଥିଲେ ଏହି ଟେକ୍ନୋଲୋଜି ସେହିପରି କମ୍ପ୍ୟୁଟର ଏବଂ ସେଲଫୋନ ତଥା ସେଲଫୋନ ଏବଂ ସେଲଫୋନକୁ କନେକ୍ଟ କରୁଥିବା ଯୋଗୁ ଏପରି ନାମକରଣ କରାଯାଇଛି।




✲ ମନୁଷ୍ୟ ଶରୀରର ସବୁଠାରୁ ମେଦବହୁଳ ଅଙ୍ଗ ହେଉଛି ମସ୍ତିଷ୍କ। ମସ୍ତିଷ୍କର ୬୦ ପ୍ରତିଶତ ଅଂଶ କେବଳ ମେଦ ଦ୍ୱାରା ଆଚ୍ଛାଦିତ।



✲ ଭାରତରେ ବିଭିନ୍ନ ବାଦ୍ୟଯନ୍ତ୍ର ବଜାଯାଉଥିବା ବେଳେ ବୀଣାକୁ ଦେଶର ଜାତୀୟ ବାଦ୍ୟ ଯନ୍ତ୍ରର ମାନ୍ୟତା ଦିଆଯାଇଛି।





✲ ବାଘଙ୍କ ଦେହରେ ଥିବା ପଟାରିଆଚିହ୍ନ ସେମାନଙ୍କ ଚର୍ମରେ ଥିବା ପଟାରିଆଦାଗ ଯୋଗୁ ଦେଖାଯାଇଥାଏ। ଗୋଟିଏ ବାଘର ଚିହ୍ନ ଅନ୍ୟ ବାଘଠାରୁ ଅଲଗା ଥାଏ।

✲ ଗୋଲ୍ଡଫିସ୍ ଏଭଳି ଏକ ମାଛ ଯିଏ କଦାପି ନିଜ ଆଖି ପତା ପକାଏ ନାହିଁ। ଶୋଇଲା ବେଳେ ବି ସେ ନିଜ ଆଖି ଖୋଲା ରଖିଥାଏ।




✲ ଉତ୍ତର ଆମେରିକା, କାନାଡା ଏବଂ ମେକ୍ସିକୋରେ ଦେଖାଦେଉଥିବା ବୁଲଡଗ୍ ପ୍ରଜାତିର ବେଙ୍ଗ କେବେବି ଶୁଏ ନାହିଁ।



# ଆଇନା



ଦିବ୍ୟାଂଶୁ
୫ବର୍ଷ



ପ୍ରୀଥା
୭ବର୍ଷ




ଅନ୍ୱେଷା
୫ ବର୍ଷ